ସମୟ

ଆଞ୍ଚଳିକ

ଭୁବନେଶ୍ୱର
ବୁଧବାର, ୧୨ ଜୁନ ୨୦୧୯

ଅଷ୍ଟମ ବାଟାଲିୟନରେ ପାଇପ୍ ଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲ୍ଲାପାଳ

ଗଞ୍ଜାମ, (ସବ୍ୟ) : ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପରିସରରେ ପାଇପ୍ ଜଳ ପ୍ରକଳ୍ପର ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ବାଟାଲିୟନ ପରିଦର୍ଶନରେ ଯାଇ ୧୨୦.୮୪ ଲକ୍ଷ ବ୍ୟୟ ଅଟକଳ ନିର୍ମିତ ପ୍ରକଳ୍ପ ଶୁଭ ଉଦଘାଟନ କରିଥିଲେ । ବହୁଦିନ ହେଲା ବାଟାଲିୟନରେ ପାନୀୟ ଜଳ ସମସ୍ୟା ରହିଥିବା ବେଳେ ଜିଲ୍ଲାପାଳ ତାହା ପୂରଣ କରିଥିବାରୁ ବାଟାଲିୟନ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲାପାଳ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟବହୃତ ଯନ୍ତ୍ରାଂଶ ଗୁଡିକୁ ବୁଲିଦେଖିବା ସହ ତାର ବ୍ୟବହାର ସମ୍ପର୍କରେ କର୍ମକର୍ତ୍ତାମାନଙ୍କୁ ପଚାରି ବୁଝିଥିଲେ । ଶେଷରେ ଓଡ୍ରାପ ଟିମ ଦ୍ୱାରା ଗ୍ରାମାଞ୍ଚଳ ଛାତଘରେ ଅଗ୍ନିକାଣ୍ଡ ଘଟିଥିବା ସମୟରେ ଛାତ ଗୃହ ମଧ୍ୟରୁ ରୋଗୀ, ଛୋଟଶିଶୁ ଓ ଗୁରୁତର ଆହତ ହୋଇପଡିଥିବା ବ୍ୟକ୍ତି ମାନଙ୍କୁ କିପରି ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ନେଇ ମକଡ୍ରିଲ କରାଯାଇଥିଲା । ବାଟାଲୀୟନକୁ ପକ୍କା ରାସ୍ତା ଓ ଆଲୋକୀକରଣ ବ୍ୟବସ୍ଥା ନେଇ କମାଣ୍ଡେଣ୍ଟ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ଏହାକୁ ତୁରନ୍ତ କରାଯିବା ନେଇ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । କମାଣ୍ଡେଣ୍ଟ ଉଦୟ କୁମାର ରଥ, ଡେପୁଟି କମାନଡେଣ୍ଟ ସୁନୀଲ କୁମାର ବେହେରା, ଆଇଷ୍ଟେଣ୍ଡ କମାନଡେଣ୍ଟ ଗୋପବନ୍ଧୁ ତ୍ରିପାଠୀ, ଅନୀଲ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ସୁବେଦାର ସୁରେନ୍ଦ୍ର ନାଥ ବେହେରା, ନିଳାମ୍ବର ପରିଡା, ଡେପୁଟି ସୁବେଦାର ନାୟକ ପ୍ରଧାନ, ରମେଶ ରଥ, ଅଶୋକ କୁମାର ବେହେରା, ହାବିଲଦାର ଓ ସିପାହି ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ନୀଳାଦ୍ରି ନାୟକ, ସିଇସିସୁଜିତ କୁମାର ବେହେରା, ମେମ୍ବର ଲିଟୁ ମହାନ୍ତି ପ୍ରମୁଖ ଙ୍କ ସମେତ ସମସ୍ତ ଅଫିସର ଓ ସଂଘ କର୍ମକର୍ତା ଉପସ୍ଥିତ ଥିଲେ ।

ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକ ଆହତ

ଭଞ୍ଜନଗର, (ସବ୍ୟ) : ବିଦ୍ୟୁତ୍ ଖୁଣ୍ଟର କାମ କଲାବେଳେ ପଡ଼ି ଯାଇ ଜଣେ ଶ୍ରମିକ ଆହତ ହୋଇ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ମିଳିଛି । ଖବର ନେବାରୁ ଜଣାପଡ଼ିଛି ନିକଟସ୍ଥ କୁଳାଗଡ଼ ରାସ୍ତାରେ ୨୦୦ କେ.ଭି. ବିଦ୍ୟୁତ୍ ଖୁଣ୍ଟର ସ୍ଥାନାନ୍ତର ଓ ନିର୍ମାଣ କାର୍ଯ୍ୟ ଚାଲିଛି । ଶ୍ରମିକ ଜଣକ ବିଦ୍ୟୁତ୍ ଖୁଣ୍ଟରେ ତାର ଭିଡ଼ିବାବେଳେ ହଠାତ୍ ସେହି ତାରରେ ବିଦ୍ୟୁତ୍ ପ୍ରବାହିତ ହୋଇଥିଲା ଏବଂ ସେ ବିଦ୍ୟୁତ୍ ଧକ୍କାରେ ତଳେ ପଡ଼ି ଯାଇଥିଲା । ଗୁରୁତର ଅବସ୍ଥାରେ ତାକୁ ଭଞ୍ଜନଗର ଡାକ୍ତରଖାନାକୁ ଅଣାଯାଇଥିଲା । ଆହତ ଶ୍ରମିକର ନାମ ପ୍ରାହିତୁର୍ ଏବଂ ତାର ଘର ପଶ୍ଚିମବଙ୍ଗର କଲିକତା ନିକଟସ୍ଥ ମାଲଦା ଗ୍ରାମରେ ।

ଠାକୁରାଣୀ ଯାତ୍ରା ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ

ବ୍ରହ୍ମପୁର, (ସବ୍ୟ) : ଦିବ୍ୟ ଜୀବନ ସଂଘ ମହିଳା ଶାଖା ତରଫରୁ ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା ଉପଲକ୍ଷେ ମା' ତାରାଦେବୀଙ୍କ ଅସ୍ଥାୟୀ ମଣ୍ଡପ ନିକଟରେ ଯାତ୍ରାର ଅନ୍ତିମ ଦିବସରେ ସୁନ୍ଦରକାଣ୍ଡ ପାରାୟଣ ଆୟୋଜନ କରାଯାଇଥିଲା । ବରିଷ୍ଠ ଗୁରୁଭାଇ ଶ୍ରୀ ନିବାସ ପାତ୍ର ସୁନ୍ଦରକାଣ୍ଡ ପାରାୟଣ କରିଥିଲେ । ସ୍ୱାମୀ ଶ୍ରୀ ବିମଳାନନ୍ଦ ସରସ୍ୱତୀ ମହାରାଜାଙ୍କ ବିୟୋଗରେ ସାମୁହିକ ଭାବେ ମହାମନ୍ତ୍ର କୀର୍ତ୍ତନ ଓ ଦିବ୍ୟଜୀବନ ସଂଘର ଧାରାଅନୁସାରେ ସମସ୍ତ ମନ୍ତ୍ର ଆବୃତି କରାଯାଇଥିଲା । ସ୍ୱାମୀ ବିମଳା ନନ୍ଦ ସରସ୍ୱତୀ ମହାରାଜ ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମର ମୁଖ୍ୟାଳୟର ସଭାପତିଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ତାଙ୍କର ବିୟୋଗରେ ଦିବ୍ୟଜୀବନ ସଂଘ ଏକ ବରିଷ୍ଠ ଉଚ୍ଚକୋଟୀର ସନ୍ଥକୁ ହରାଇଲା ବୋଲି ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧକ୍ଷ ଶାନ୍ତିଭୂଷଣ ପଣ୍ଡା ମତବ୍ୟକ୍ତ କରିଥିଲେ । ଏହି ସବୁ ଦିବ୍ୟ କାର୍ଯ୍ୟକ୍ରମକୁ ସଂଘର ସମ୍ପାଦିକା ସଂଧ୍ୟାରାଣୀ ପାଣିଗ୍ରାହୀ ରବିନ୍ଦ୍ର ନାଥ ଦାଶ, ଦୁର୍ଗା ପ୍ରସାଦ ଦାଶ, କିଶୋର ପାଣିଗ୍ରାହୀ, ଅଲେଖ ବେହେରା, ନିରାକାର ପାତ୍ର, ବିକାଶ, ଅଞ୍ଜଳୀ, ପ୍ରମିଳା ଦେବୀ, ମାମି ବେହେରା, ସରସ୍ୱତୀ ପାଣିଗ୍ରାହୀ, ସନ୍ୟାସୀ ସାହୁ, ପ୍ରମିଳା ମହାରଣା, ସକୁନ୍ତଳା ଦାଶ, କାନ୍ତା ବେହେରା, ଗୋପନାଥ ଦୋରା, ସୁରେଶ ବରାଡ଼, ଜାନକି ପାତ୍ର ପ୍ରମୁଖ ଶତାଧିକ ଭକ୍ତ ଅଂଶଗ୍ରହଣ କରି ସୁନ୍ଦରାକାଣ୍ଡ ପାଠ କରିଥିଲେ । ଆସନ୍ତା ୧୪ତାରିଖ ଦିନ ପ୍ରତିବର୍ଷ ଭଳି ଆଶ୍ରମର ୨୨ତମ ରକ୍ତଦାନ ଶିବିର ଆଶ୍ରମ ପରିସରରେ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲେ ସ୍ନେହଲତା

ଛତ୍ରପୁର, (ସବ୍ୟ) : ଗାମ ଜିଲ୍ଲାପରିଷଦ ଅଧ୍ୟକ୍ଷ ଭାବେ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଏହି ଦାୟିତ୍ୱରେ ରହିଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦରୁ ଗତ ୨୯ ତାରିଖରୁ ଇସ୍ତଫା ଦେଇଥିଲେ । ଗାମ ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ ଅମୃତା କୁଲାଙ୍ଗେ ପତ୍ର ଜରିଆରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତାଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚନ ହେବା ପର୍ଯ୍ୟନ୍ତ ସ୍ନେହଲତା ଏହି ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି । ଆଜି ସ୍ନେହଲତା ପଣ୍ଡା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଗୁଡିକ ଗାମ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାର ସମସ୍ତ ବିଧାୟକ ଏବଂ ସାଂସଦଙ୍କ ସହଯୋଗରେ ଜିଲ୍ଲାବାସୀଙ୍କ ନିକଟରେ କିପରି ସୁରୁଖୁରରେ ପହଞ୍ଚିପାରିବ ସେଥିପ୍ରତି କାର୍ଯ୍ୟ କରିବି ବୋଲି କହିଥିଲେ । ସ୍ନେହଲତା ଦାୟିତ୍ୱ ଗ୍ରହଣ ନେବା ସମୟରେ ଚିକିଟି ବିଧାୟିକାଙ୍କ ପ୍ରତିନିଧି ବି.କ୍ରିଷ୍ଣାମୂର୍ତ୍ତି, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ବିଜେଡି ଜିଲ୍ଲା ସାଧାରଣ ସଂପାଦକ ଜଗନ୍ନାଥ ସାବତ, ଜିଲ୍ଲା ସଂପାଦକ ମନୋଜ କୁମାର ପାଢୀ, ପୁରୁଷୋତ୍ତମପୁର ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ସଂପାଦକ ଶ୍ୟାମସୁନ୍ଦର ଦାଶ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଲତା ସାହୁ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ରତ୍ନାକର ସାହୁ, ସମିତି ସଭ୍ୟ ଦୈତାରୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ଖୁଣ୍ଟିଆ, ନାରାୟଣ ସାହୁ, ସନ୍ତୋଷ ଦାଶ, ଜଗତବନ୍ଧୁ ପଣ୍ଡା, ଶୁଭ୍ରାଂସୁ ଶେଖର ସାବତ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀ ସ୍ନେହଲତା ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ ।

ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ

ଚୋରା ବାଲି ମୋରମ ଗାଡ଼ିର ରେଜିଷ୍ଟ୍ରେସନ୍ ରଦ୍ଦ କରାଯିବ

ଛତ୍ରପୁର, (ସବ୍ୟ) : ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ତଥା ବାଲି ମୋରମ ପ୍ରଭୃତି ଚୋରା ଚାଲାଣ କରୁଥିବା ଗାଡି ଗୁଡିକ ଉପରେ ଆଉ ଛୋଟ ଧରଣର କାର୍ଯ୍ୟାନୁଷ୍ଠାନ ନକରି ସିଧା ସେମାନଙ୍କର ରେଜିଷ୍ଟ୍ରେସନ୍ ରଦ୍ଦ କରାଯିବ । ଯାହା ଫଳରେ ଉକ୍ତ ଗାଡି କୌଣସି ପରିସ୍ଥିତିରେ ଆଉ ରାସ୍ତାକୁ ବାହାରି ପାରିବ ନାହିଁ । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ମାଫିଆଙ୍କ ଉପରେ ଲଗାମ କଷିବା ପାଇଁ ଏପରି ଦୃଢ ନିଷ୍ପତ୍ତି ନେବାକୁ ତହସିଲଦାର ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଆଇନ ଅନୁମୋଦିତ ଖାଦ୍ଦି ଗୁଡିକର ଲାଇସେନ୍ସ ପ୍ରଦାନରେ ଯେପରି ବିଳମ୍ବ ନ ହୁଏ ସେଥିପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କ ସମସ୍ୟା ସେମାନଙ୍କର ହାତ ପାଆନ୍ତାରେ ସମାଧାନ କରିବା ପାଇଁ ଜିଲ୍ଲାର ବିଭିନ୍ନ ଅପହଞ୍ଚ ଇଲାକାରେ ମହା ସମାଧାନ ଶିବିର ଆୟୋଜନ କରାଯିବ । ଜିଲ୍ଲାପାଳ ଏବଂ ବିଭାଗୀୟ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ମାନଙ୍କର ତତ୍କ୍ଷଣାତ୍ ସମାଧାନ ପନ୍ଥା ଗ୍ରହଣ କରିବେ ।

ଜିଲ୍ଲାପାଳ ଜିରୋ ପେଣ୍ଡେନ୍ସି ଅଫ୍ ୱାର୍କ ଘୋଷଣା କରିଥିଲେ । କୌଣସି କର୍ମଚାରୀ ପାଖରେ କୌଣସି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେବ ନାହିଁ । କାମ ପଡି ରହିଲେ କର୍ମଚାରୀଙ୍କ ବିରୁଦ୍ଧରେ ସମୁଚିତ ଦଣ୍ଡ ବିଧାନ କରାଯିବ । କାର୍ଯ୍ୟାଳୟରେ ଅଧିଗ୍ରହଣ ଚିଠି ଗୁଡିକ ରୀତିମତ ରେଜିଷ୍ଟରରେ ଉଲ୍ଲେଖ ରହିବ । ଏଥିରେ ଅବହେଳା କଲେ କର୍ମଚାରୀଙ୍କ ଦରମା ବନ୍ଦ କରାଯିବ । ପତ୍ୟେକ କାର୍ଯ୍ୟର ରୂପାୟନ ସମୟ ଭିତ୍ତିରେ କରାଯିବ । ତହସିଲଦାରମାନେ ଜନସାଧାରଣଙ୍କ ଅଧିକ ସୁବିଧାଭାଜନ ହେବ । ସରକାରୀ ଜମି ଜବରଦଖଲ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରାଯିବ । ଯେଉଁମାନେ ବ୍ୟବସାୟିକ ଉଦ୍ଦେଶ୍ୟରେ ଜମି ଜବରଦଖଲ କରିଛନ୍ତି ସେମାନଙ୍କ ଘରକୁ ତୁରନ୍ତ ଭଙ୍ଗାଯିବ । ଜମିଜମା ଦାଖଲ ଖାରଜ ଏବଂ ରେଜିଷ୍ଟ୍ରେସନ୍ ସମ୍ବନ୍ଧୀୟ ନିୟାମାବଳୀ ଜନସାଧାରଣଙ୍କ ଅବଗତି ନିମନ୍ତେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ଜିଲ୍ଲା ପ୍ରଶାସନ ତରଫରୁ ମାଗଣାରେ ବଣ୍ଟନ କରାଯିବ । ଏହାଦ୍ୱାରା ସାଧାରଣ ଜନତା ଜମିଜମା ବାବଦରେ ମଧ୍ୟସ୍ଥି ମାନଙ୍କ ଦ୍ୱାରା ହତାଶ ହେବା ବନ୍ଦ ହୋଇଯିବ । ଜିଲ୍ଲାରେ ପାଣି ପାଉଚ୍ ସଂପୂର୍ଣ୍ଣ ନିଷେଧ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ସରକାରୀ କାର୍ଯ୍ୟରେ ପାଣି ପାଉଚ୍ ବ୍ୟବହାର କରାଯିବ ନାହିଁ । ପାଣି ପାଉଚ୍ ପ୍ରସ୍ତୁତ କରୁଥିବା ଫ୍ୟାକ୍ଟ୍ରିସିଲ୍ କରାଯିବ ଏବଂ ପାଣି ପାଉଚ୍ ପରିବହନ କରୁଥିବା ଗାଡି ଜବତ କରାଯାଇ ଜରିମାନା କରାଯିବ । ପେଟ୍ରୋଲ ପମ୍ପ ମାନଙ୍କରେ ହେଲମେଟ୍ ନାହିଁ ତ ପେଟ୍ରୋଲ ନାହିଁ ନିୟମ କଡାକଡି ହେବ । ନୂତନ ଭାବେ ତିଆରି ହେବାକୁ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକ ପାଇଁ ନିକଟସ୍ଥ ବିଦ୍ୟାଳୟ ପରିସରରେ ସ୍ଥାନ ନିରୂପଣ କରି ସାତ ଦିନ ମଧ୍ୟରେ ସଂପୃକ୍ତ ବିଭାଗକୁ ଜଣାଇବା ପାଇଁ ଜିଲ୍ଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଦିଗନ୍ତ କୁମାର ରାଉତରାୟ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟ ରଂଜନ ପୃଷ୍ଟି, ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମିଁ, ଜିଲ୍ଲା ରାଜସ୍ୱ ଅଧିକାରୀ ଡ.ଦିବ୍ୟଲୋଚନ ମହନ୍ତ, ପରିବହନ ଅଧିକାରୀ ସୟ କୁମାର ବିଶ୍ୱାଳଙ୍କ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ବଦାଙ୍ଗୀରୁ ବିପୁଳ ବିଦେଶୀ ମଦ ଜବତ : ଜଣେ ଗିରଫ

ଭଞ୍ଜନଗର, (ସବ୍ୟ) : ତାରାସିଂ ଥାନା ଅନ୍ତର୍ଗତ ବଦାଙ୍ଗୀ ଗ୍ରାମରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି। ଏଥିସହ ସଂପୃକ୍ତି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ତାରାସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ପ୍ରକାରେ ବଦାଙ୍ଗୀ ଗ୍ରାମର ସଂଜୟ ସାହୁ ନାମକ ଜଣେ ବ୍ୟକ୍ତି ଦୀର୍ଘଦିନରୁ ଚୋରାରେ ବିଦେଶୀ ମଦ କାରବାର କରୁଥିବା ନେଇ ତାରାସିଂ ଥାନା ଅଧିକାରୀଙ୍କ ନିକଟରେ ଖବର ପହଞ୍ଚିବାପରେ ଥାନା ଅଧିକାରୀ ମଲ୍ଲ ସଦଳବଳେ ଗତକାଲି ରାତିରେ ଅତର୍କିତ ସେଠାରେ ଚଢଉ କରିଥିଲେ । ଆଉ ଏଥିରେ ପୁଲିସକୁ ସଫଳତା ମଧ୍ୟ ମିଳିଥିଲା। ଅଭିଯୁକ୍ତ ସଂଜୟ ସାହୁଙ୍କ ଠାରୁ ପୁଲିସ ବିଭିନ୍ନ ନାମୀଦାମୀ କମ୍ପାନୀର ବହୁ ବିଦେଶୀ ମଦ ଜବତ କରିଥିଲା। ମୋଟ ୯୬.୭୬୦ ମିଲି ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏସଂପର୍କରେ ତାରାସିଂ ଥାନା କେଶ ନମ୍ବର-୯୬/୨୦୧୯ ପ୍ରକାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସଡିଜେଏମଙ୍କ କୋର୍ଟକୁ ଚାଲଣ କରାଯାଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

ନାଟକ କହିବାକୁ ଲାଜ କାହାଣୀ ମୋର ମଞ୍ଚସ୍ଥ

ଭଞ୍ଜନଗର, (ସବ୍ୟ) : ନିକଟସ୍ଥ ଛେଦାଭୂମି ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ସାମାଜିକ ନାଟକ କହିବାକୁ ଲାଜ କାହାଣୀ ମୋର ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ବାବା ବିଶ୍ୱନାଥ ନାଟ୍ୟ ସଂସଦ ଛେଦାଭୂମିର ଦ୍ୱିତୀୟ ଅବଦାନ 'କହିବାକୁ ଲାଗେ କାହାଣୀ ମୋର' ୧୦ ଓ ୧୧ ତାରିଖ ଦୁଇଦିନ ଧରି ମଞ୍ଚସ୍ଥ ହୋଇଛି। ଏହି ନାଟକ ସ୍ଥାନୀୟ ଅଂଚଳରେ ବେଶ ସଫଳତା ସାଉଁଟିଛି । ଏଥିରେ ଗ୍ରାମର ଯୁବବର୍ଗ ସଂପୂର୍ଣ୍ଣ ସହଯୋଗ କରିଥିଲେ । ଭଞ୍ଜନଗର ସବରେଜିଷ୍ଟ୍ରାର ବିଶିକେଶନ ପ୍ରଧାନ ଏହି ନାଟକକୁ ଉଦଘାଟନ କରିଥିବାବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିଶିରକାନ୍ତ ଦାଶ, ସିନେ ତାରକା ଜିନା ସାମଲ ଓ ଜୁନିୟର ପପୁ, ସମ୍ମାନୀତ ଅତିଥିଭାବେ ଲିଙ୍ଗରାଜ ବେହେରା ଓ ବାବୁଲା ନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ମାଫିଆଙ୍କ ୧୯ଗାଡି ଜବତ ଓ ଜୋରିମାନା

ହିଞ୍ଜିଳିକାଟୁ ,(ସବ୍ୟ):ଗତ ୬ତାରିଖ ଶୁକ୍ରବାର ଉପଖଣ୍ଡ ସ୍ଥରୀୟ ରାଜସ୍ୱ ସମୀକ୍ଷା ବୈଠକରେ ଲଘୁ ଖଣିଜ ଦ୍ରବ୍ୟ ଚୋରୀ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ ଛତ୍ରପୁର ଉପ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି । ଲଘୁ ଖଣିଜ ଦ୍ରବ୍ୟକୁ ରୋକିବା ସହ ନିୟମିତ ଚଢ଼ାଉ ଜାରି ରଖିବାକୁ ଉପଜିଲ୍ଲାପାଳ ଉପଖଣ୍ଡ ଅଧିନସ୍ଥ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଛମୁଖ୍ୟତଃ ହିଞ୍ଜିଳି ଓ ପୁରୁଷୋତ୍ତମପୁରତହସିଲ ଅଞ୍ଚଳରେ ସର୍ବାଧିକ ଲଘୁ ଖଣିଜଦ୍ରବ୍ୟ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା ଛଏଥିପାଇଁ ସେ ରାଜସ୍ୱ ଆଦାୟ ଓ ଚୋରା ଚାଲାଣ କାରିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳ କହିଥିଲେ । ଫଳସ୍ୱରୂପ ମଙ୍ଗଳବାର ହିଞ୍ଜିଳି ତହସିଲର ସ୍ୱତନ୍ତ୍ର ସ୍କାର୍ଡ ଅଚାନକ ଚଢ଼ାଉ କରି ଏକ କାଳୀନ ୧୯ଟି ଗାଡି ଜବତ କରିଛି । ଏହି ଘଟଣାରୁ ହିଞ୍ଜିଳି ତହସିଲ ଅଞ୍ଚଳରେ ସର୍ବାଧିକ ଲାଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ସୂଚୀତ ହୋଇଛି । ତହସିଲଦାର ଗୋପୀନାଥ କୁଅଁରଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସ୍କାର୍ଡ ହିଞ୍ଜିଳି ରାଜସ୍ୱ ଅଞ୍ଚଳର ବୁରୁପଡ଼ା ଓ ନୂଆଗଡ ଅଞ୍ଚଳର ନିଲାମ ନ ହୋଇଥିବା ସୈରାତ ଗୁଡ଼ିକରେ ଅଚାନକ ଚଢ଼ାଉ କରିଥିଲେ । ସେଠାରୁ ୧୩ଟି ଟ୍ରକ , ୫ଟି ଟ୍ରାକ୍ଟର ଓ ... ଟନ ଟନ ... ଭର୍ତ୍ତି ... କରାଯାଇ... ଗଞ୍ଜାମ ଜି... କୃ.ପାସିଷ୍ଟ... ଜଣାପଡିଛି... ୧ଲକ୍ଷ ୬... ଆଦାୟ ... ସ୍କାର୍ଡରେ ... ଦାସ, ... ବିଶୋଇ ... ଭାଗିରଥି ... ସାମିଲଥି... ହିଞ୍ଜିଳି ତହ... ମୋରାମ ... ପ୍ରକଳ୍ପ ... ଚାଲାଣ ... ଛଏଥି ପ୍ର... ଆକର୍ଷଣ ...

ୟୁରୋ କିଡ୍ 'ପ୍ରି' ସ୍କୁଲର ମାଗଣା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଛତ୍ରପୁର, (ସବ୍ୟ) : ସ୍ଥାନୀୟ ସହରର ଅନ୍ତର୍ଜାତୀୟ ମାର୍କା ୟୁରୋ କିଡ୍'ପ୍ରି' ସ୍କୁଲ ଛତ୍ରପୁର ଶାଖାର ମାଗଣା ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ୍ ହୋଇଯାଇଛି । ବିଦ୍ୟାଳୟର ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ବୃଦ୍ଧି କରିବା ପାଇଁ ଏହି ଶିବିର ପରିଚାଳନା କରିବା ଅନୁଷ୍ଠାନର ଏକ ମାତ୍ର ଉଦ୍ଦେଶ୍ୟ ରହିଛି । ଗତବର୍ଷ ପରି ଚଳିତ ବର୍ଷ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନେ ଗ୍ରୀଷ୍ମକାଳୀନ ଶିବିରର ଭରପୂର ମଜା ଉଠାଇଛନ୍ତି । ଏହାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇ ଥିବାବେଳେ ସ୍ଥାନୀୟ ପିଲିବନ୍ଧ ରୋଡ୍‌ରେ ଛତ୍ରପୁର ଶାଖାରେ ଏକମାସ ବ୍ୟାପି ଗ୍ରୀଷ୍ମକାଳୀନ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରତିଦିନ ଅପରାହ୍ନ ୪ ଘଣ୍ଟା ଠାରୁ ସନ୍ଧ୍ୟା ସାଢେ ୬ ଘଣ୍ଟା ପର୍ଯ୍ୟନ୍ତ ଚାଲୁ ରହୁଥିଲା । ପ୍ଲେ, ନର୍ସରୀ, ଏଲ୍‌କେଜି, ୟୁକେଜି, ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁଙ୍କୁ ମାଗଣାରେ ସଙ୍ଗୀତ, ନୃତ୍ୟ, ଚିତ୍ର, ମାନସିକ ଓ ଶାରିରୀକ ବୃଦ୍ଧି ଖେଳ, ଅନ୍ୟାନ୍ୟ ବର୍ଗର ଖେଳକୁଦ ସହ ସୁଇମିଂ ପୁଲ୍‌ର ବ୍ୟବସ୍ଥା ରହିଥିଲା । ଯାହା ପିଲାମାନଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଭଳି ୟୁରୋ କିଡସ୍ ଅନୁଷ୍ଠାନର କର୍ମକର୍ତ୍ତା ବୃନ୍ଦ ଏହି ଶିବିରକୁ ପରିଚାଳନା କରିଥିଲେ ।

ପୃଥକ୍ ଘ... ଦୁଇ ...

ହିଞ୍ଜିଳିକାଟୁ, (ସବ୍ୟ) : ହିଞ୍ଜି... ଦୁଇ ଦିନରେ ଦୁଇଟି ଦୁଃଖଦ ଘ... ସନ୍ଧ୍ୟାରେ ସମରଝୋଳ ଗ୍ରା... ପାନକରି ଆତ୍ମହତ୍ୟା କରିଥିବା... ସକାଳେ କାଞ୍ଜି ଆମ୍ବା ଗ୍ରାମର ... ବୁଡ଼ି ପ୍ରାଣ ହରାଇଛନ୍ତି । ମୃତକ ... (୧୮) ଓ ସମୀର ବେହେରା ... ସ୍ଥାନୀୟ ପୋଲିସ ଚିକିତ୍ସାଳୟ... ଜବତ କରି ବ୍ୟବଚ୍ଛେଦ ନିମନ୍ତେ ... ପଠାଇ ତଦନ୍ତ ଜାରୀ ରଖିଥିବା ...

MCL

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା

ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in)ରେ ପ୍ରକାଶିତ ହୋଇଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡ଼ି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ ₹
1	2019_MCL_140115_1	Renovation and repair of compensation Disbursement cell near Kulda P.O. Office of Basundhara Area	1200984.00
2	2019_MCL_140169_1	Procurement of different sizes of Grinding Wheel.	257915.00
3	2019_MCL_140294_1	Procurement of Drill Trailing Cable and LHD Trailing Cable.	4091793.00
4	2019_MCL_140319_1	PROCUREMENT OF OXYGEN AND DA GAS IN RETURNABLE CYLINDER FOR CWS_X TALCHER.	231511.00
5	2019_MCL_140233_1	Transportation of crushed coal by Tippers from CHPs of Lingaraj OCP to Deulbera Siding at Lingaraj OC Project, Lingaraj Area for a total quantity of 3,00,000 Te.(Re-tender)	8191560.00
6	2019_MCL_140152_1	Comprehensive AMC for different Window/Split/Tower type 1.5Te/2.0Te/3.0Te capacity Air conditioners at different locations of Bharatpur OCP.	253424.00
7	2019_MCL_140170_1	PROCUREMENT OF SPARES FOR ESCORT HYDRA-8 CRANE	77250.00
8	2019_MCL_140302_1	PROCUREMENT OF SPARES FOR FRONT END LOADER	1177997.00
9	2019_MCL_140311_1	PROCUREMENT OF DIFFERENT ITEMS FOR TATA-350 EXCAVATOR	168718.00
10	2019_MCL_140314_1	PROCUREMENT OF ENGINE FILTERS AND HYDRAULIC FILTERS	443424.00
11	2019_MCL_140346_1	PROCUREMENT OF SPARES FOR SUBSTATION SWITCHES	1081077.00
12	2019_MCL_140363_1	PROCUREMENT OF ESSENTIAL SPARES FOR MULTI-JET WASP PUMP	71561.00
13	2019_MCL_140327_1	Hiring of two numbers Indigo/ Swift Dzire/ Etios or equivalent Car with A/c fitted (Diesel) with 12 hrs duty, maximum 4000 km (for GM) run and 3500 km (For MEETI) per month for 682 days in 02 years for CWS(X) Talcher MCL.	1805936.00
14	2019_MCL_140428_1	Hiring of one no. AC running covered jeep (Bolero or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3500 km/month, for 02 years (682 days) for Lakhanpur OCP, Lakhanpur Area, MCL	1316260.00
15	2019_MCL_140361_1	Construction of Mini Stadium at Taparia village under CSR scheme of Basundhara Area	2224535.00
16	2019_MCL_140457_1	Providing light vehicle road to EnM workshop and siding no. 1 at Lingaraj OCP, Lingaraj Area.	1608532.00
17	2019_MCL_140463_1	Repair and maintenance of cast iron pipe line from Intake well to Deulbera and Balanda to Bharatpur colony for IWSS, Lingaraj Area(For a period of two years)	1821189.00
18	2019_MCL_140465_1	Supply of Spares for Hydraulic Torque Wrench.	1037886.00
19	2019_MCL_140508_1	Supply of Chain bow and Nut Bolt for BEC Feeder breaker at Lingaraj OCP	1345200.00
20	2019_MCL_140513_1	PROCUREMENT OF NDA SPARES FOR O/H OF 04 NOS. BEML MAKE BH-100 TRANSMISSION.	666135.00
21	2019_MCL_140394_1	SUPPLY OF SPARES OF MAGNETORQUE OF PnH SHOVEL	754100.00
22	2019_MCL_140396_1	supply of COMPRESSOR SPARES OF ELGI MAKE FOR PnH SHOVEL	114445.00
23	2019_MCL_140439_1	PROCUREMENT OF DIFFERENT SPARES FOR SCT 150/48.2 PUMP	2137376.00
24	2019_MCL_140491_1	Procurement of Compresses Oxygen for Industrial Use and Dissolved Acetylene Gas.	636177.00
25	2019_MCL_140518_1	Hiring of 01 No. Innova or equivalent covered vehicle with AC fitted (Diesel) with 12 hrs duty, maximum 5000 km run per month for 682 days in 02 years for GM Pool, Bharatpur Area, MCL.	1441748.00
26	2019_MCL_140560_1	Day to day maintenance and upkeeping of Residential and Non residential buildings at Nandira colony of Nandira colliery for a period of two years	6333323.00
27	2019_MCL_140634_1	SUPPLY OF GAC5R ALTERNATOR SPARES.	147045.00
28	2019_MCL_140459_1	Providing two wheeler shed, welding machine shed and false ceiling of rooms at shovel erection yard office near SICAL challan point at Bharatpur OCP.	363659.00
29	2019_MCL_140593_1	Hiring of two nos. of Bolero/Sumo or equivalent covered vehicle (more than 6 plus 1 seater) with AC fitted (Diesel) for 24 hrs duty for a period of two years for Hingula Area.	3615118.00
30	2019_MCL_140664_1	AMC for Alignment of Top Roller brackets and adjustable brackets in C-4 conveyor at RLS, Bharatpur OCP for a period of ONE Year.	333909.00
31	2019_MCL_140675_1	Providing, shifting and operation of 03 nos. portable DG sets (7.5 KVA) for illumination of lighting towers (departmental) at OB and Coal patch at Bharatpur OCP, BA, MCL for a period of 03 months (90 days).	427672.00
32	2019_MCL_140782_1	AMC for Handling of PVC/XLPE power cable of different sizes like 3.3 KV/ 6.6 KV/ 11KV along with lighting cable during various works in mines on as and when required basis for a period of 1 year.	1425912.00
33	2019_MCL_140723_1	Maintenance of water supply and sanitary works for GM Complex Colony, 132KV Sub-Station Colony and all non-residential buildings under GM Unit, Jagannath Area for a period of 2(two) years.	2185500.00
34	2019_MCL_140789_1	Shifting of Gramasri, Bhima, Munda Gosein Pitabali Pidha near Radhakrishna Mandir of Hensmul under BBSRI OCP under Jagannath Area. (Re-tender)	1247459.00
35	2019_MCL_140620_1	Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 3000 Km run per month, 12 hrs duty for a period of two years (341 days per year) for LOCP, IB Valley Area.	943956.00
36	2019_MCL_140649_1	Cleaning of drain and roads during monsoon season at Belpahar OCM of Lakhanpur Area.	1048689.00
37	2019_MCL_140814_1	Fabrication of new pontoon 4 set (22 drum X 3 row equals to 66 drum) for installation of pump motor set at LOCP, IB Valley Area. .	1157627.00
38	2019_MCL_140232_1	Maintenance And Repair Contract for 04 Nos Wirtgen Surface Miner model - 2200SM / 3800 for a period of 01 year	108665000.00
39	2019_MCL_140726_1	AMC for Erection and Dismantling of H.T. overhead line in different feeders for day to day production for One year at Belpahar OCM, Lakhanpur Area, MCL	5006411.00
40	2019_MCL_140757_1	AMC for Erection and dismantling of lighting pole and light fitting in poles in Coal Face, OB Face, dump surfaces and Haul road at Belpahar OCM, Lakhanpur Area, MCL	5353349.00
41	2019_MCL_140810_1	Procurement of Spindle shafts 800 and 1000 mm for top conveyor rollers. (As per drawings enclosed at Annexure-1 and 2)	1594180.00
42	2019_MCL_140836_1	Construction of cement concrete road at Balunga primary school and Kalyan Mandap under CSR work, Lingaraj Area.	986546.00
43	2019_MCL_140876_1	Supply of different models of Kirloskar pump spares	1398151.00
44	2019_MCL_140733_1	SUPPLY OF SAPRES FOR Wirtgen Surface Miner	1236825.00
45	2019_MCL_140818_1	PROCUREMENT OF SPARES FOR FLUID COUPLING	1668697.00
46	2019_MCL_140839_1	Supply of Shaft Idler for PnH Shovel	837000.00
47	2019_MCL_140871_1	Making water loading platform in outsourcing patch at Balram OCP under Hingula Area.	1204820.00
48	2019_MCL_140900_1	Making ladies toilet by modification of existing store room near Project Office and RCC platform for overhead water storage tank at Project Office of Balram OCP under Hingula Area.	306684.00
49	2019_MCL_140901_1	Supply of Hoses for WIRTGEN make Surface Miner (Model No. 2200 SM/3800).	359628.00
50	2019_MCL_140905_1	Supply of Cotton Waste	140895.00
51	2019_MCL_140910_1	Supply of Printed stationaries for the year 2018-19 at Lingaraj Area	334174.00
52	2019_MCL_140926_1	Supply of Bit Sub for IDM-30 Drill machine at Lingaraj OCP (Exclusively for OEM)	53572.00
53	2019_MCL_140745_1	Annual supply of drinking water to various places of mines of LKP OCP of Lakhanpur Area.	936514.00
54	2019_MCL_140861_1	Hiring of 01 No. Tata Winger or equivalent Ambulance Diesel with AC fitted, 24 hrs duty, max 4000 km run per month for a period of two year (706 days) for Central Hospital, IB Valley Area.	2258028.00
55	2019_MCL_140923_1	Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 3000 Km run per month, 12 hrs duty for a period of two years (341 days per year) for LOCP, IB Valley Area.	943956.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.: 0663-2542695/2542264, ଇ-ମେଲ: hlp-eproc.mcl@coalindia.in) R-4914

ଆମର ଆପତ୍ତି ପାଇବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍ କଲ୍ କରନ୍ତୁ